## ନୟାଗଡ଼ରେ ୪୩ ନୂଆ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲାରେ ସୋମବାର ୪୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୭୨୮ରେ ପହଞ୍ଚିଛି। ଅନ୍ୟପକ୍ଷେ ଜିଲାରେ ଏଯାବତ୍ କରୋନାରେ ୨୧ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

**ବାଲିକୁଦା,୨୮।୯(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ପୋଲିସ ଜଣେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଅପହରଣକାରୀଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଖାଲଗାଁ ପଞ୍ଚାୟତ ଶୋଭା ଗ୍ରାମର ଚନ୍ଦନ ମହାରଣା। ସୂଚନା ମୁତାବକ ବିବାହିତ ଯୁବକ ଚନ୍ଦନ ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀଙ୍କୁ ପ୍ରେମ କରୁଥିଲେ। ଗତ ୧୯ ତାରିଖରେ ଚନ୍ଦନ ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ନେଇ ତାଙ୍କ ମା' ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ୨୨୯/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ଏପରିସ୍ଥଳେ ଉଭୟ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ଫକୀରପୁରରେ ଲୁଚି ରହିଥିବା ଜାଣିପାରି ଫାଣ୍ଡି ଅଧିକାରୀ ଯୋଗେନ୍ଦ୍ର ଚୌଧୁରୀ ରବିବାର ଏକ ପୋଲିସ ଟିମ ନେଇ ସେଠାରେ ଚଢାଉ କରିଥିଲେ। ସୋମବାର ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇ ଜଗତ୍‌ସିଂହପୁର ଶିଶୁ ଆଶ୍ରମରେ ରଖାଯାଇଛି।

## ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ମହାକାଳପଡ଼ା,(ଡି.ଏନ୍.ଏ.):** ଜମ୍ବୁ ମେରାଇନ୍ ଥାନା ଅଧୀନ ବତୀଘର ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଛନ୍ତି। ଏ ନେଇ ଛାତ୍ରୀଙ୍କ ମାଆ ସୋମବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଉକ୍ତ ଛାତ୍ରୀ ଜଣକ ରାଜ୍ୟ ତଥା ଜାତୀୟ ସ୍ତରୀୟ ସାହସିକତା ପୁରସ୍କାର ପାଇଥିଲେ। ଏ ନେଇ ସାମୁଦ୍ରିକ ଥାନାରେ ଏକ ମାମଲା (ନଂ.୧୧୯/୨୦) ରୁଜୁକରି ପୋଲିସ ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛି।

## ଆକ୍ରମଣରେ ୩ ଗୁରୁତର, ଥାନାରେ ମାମଲା

**କୁଜଙ୍ଗ,୨୮।୯(ଡି.ଏନ୍.ଏ.):** କୁଜଙ୍ଗ ଥାନା ଅଧୀପ ଖରିଗୋଠ ଗ୍ରାମରେ ରବିବାର ରାତିରେ ଗଣ୍ଡଗୋଳ ଘଟି ୩ଜଣ ଗୁରୁତର ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମର ୭/୮ଜଣ ଯୁବକ ବିଳମ୍ବିତ ରାତିରେ ଲଛମନ ପ୍ରଧାନଙ୍କ ଘରେ ପଶି ତାଙ୍କ ପୁଅ ଲିପୁଙ୍କୁ ବନ୍ଧୁକ ଦେଖାଇ ଗାଁ ମୁଣ୍ଡ କ୍ଲବ୍ ନିକଟକୁ ନେଇଥିଲେ। ସେଠାରେ ଭୁଜାଲି, ଲୁହା ରଡ୍‌ରେ ଲିପୁ ସମେତ ସେହି ଗ୍ରାମର ଟୁଲିଆ, ଗୁଲିଆ, ବିମଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଲଛମନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲିପୁ, ଟୁଲିଆ, ବିମଳ ଓ ଗୁଲିଆଙ୍କୁ କୁଜଙ୍ଗ ମେଡିକାଲକୁ ପଠାଇଥିଲା। ଲିପୁ, ଟୁଲିଆ, ଗୁଲିଆଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଥାନାରେ ଏ ନେଇ କେସ୍ ନଂ. ୨୫୩ /୨୦ ରେ ମାମଲା ରୁଜୁ ହୋଇଛି। ପୋଲିସ ୩ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ତଦନ୍ତକାରୀ ଅଧିକାରୀ ଅଭୟ ପରିଡ଼ା ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି।

## ପିଏମ୍ କିଷାନ ଯୋଜନାରେ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୨୮।୯:** ପ୍ରଧାନମନ୍ତ୍ରୀ କିଷାନ ଯୋଜନା କେନ୍ଦ୍ରାପଡ଼ା ଜିଲାରେ ବାଟବଣା ହୋଇଛି। ଜିଲାର ଗରଦପୁର ବ୍ଲକ ଅଞ୍ଚଳରେ ଏପରି ଅନିୟମିତତା ହୋଇଥିବା ଦର୍ଶାଇ ଡ. ଆର.କେ. ମହାନ୍ତି ଗତ ୨ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ (୦୮୦୨୯୫୨/୨୦) କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଏହି ବ୍ଲକ ପାଟକୁରା ପଞ୍ଚାୟତ ଜଗଦଳପୁର ରାଜସ୍ୱ ଗ୍ରାମର ଚକବାହାକୁଦ ଏକ ପଡା ଗାଁ। ଏଠାରେ ମାତ୍ର ୩୨ ପରିବାର ରହୁଥିବା ବେଳେ ୬୮ ଜଣ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଏପରି କି ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ, ଗ୍ରାମ ମହିଳା ସମିତି ସଭାନେତ୍ରୀ, ବ୍ଲକରେ ଚାକିରି କରୁଥିବା ଜଣେ ଯୁବକ ଏହି ଯୋଜନାରେ ସାମିଲ ହୋଇଛନ୍ତି। କୃଷକଙ୍କ ଉନ୍ନତି ପାଇଁ ହୋଇଥିବା ଏହି ଯୋଜନାକୁ ବାଟମାରଣା କରାଯାଇଥିବା ନେଇ ଡ. ମହାନ୍ତି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ଜିଲାପାଳଙ୍କୁ ଚିଠି ହୋଇଥିବା ବେଳେ ଗରଦପୁର ବିଡିଓଙ୍କୁ ତଦନ୍ତ ପାଇଁ ଚିଠି ହୋଇଛି।

# ଫ୍ଲୋରାଇଡ୍, ଆଇରନ କବଳରେ ଭୂତଳ ଜଳ

**ଯାଜପୁର ଅଫିସ,୨୮।୯**

**ଯାଜପୁର ଜିଲା**
- ସ୍ଥାପନ ହେଲାନି ଫ୍ଲୋରାଇଡ୍ ଅପସାରଣ ପ୍ଲାଣ୍ଟ
- ସର୍ଭେକୁ ୨ ବର୍ଷ ବିତିଲା, ଅନ୍ୟ ୮ ଜିଲାରେ ବସିଛି ୭୪୦ ପ୍ଲାଣ୍ଟ

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଓଲେଇ ଚନ୍ଦନପୁର ଗ୍ରାମ ପଞ୍ଚାୟତର ୫ଟି ବସତିର ପ୍ରାୟ ୫ ହଜାର ଲୋକ ଫ୍ଲୋରାଇଡ୍ ବିଷ କବଳରେ କବଳିତ। ପ୍ରାୟ ୭୦ ବର୍ଷ ହେଲା ଲୋକେ ଫ୍ଲୋରାଇଡ ଯୋଗୁ ଯନ୍ତ୍ରଣା ସହି ଆସୁଛନ୍ତି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ବି କୌଣସି ସୁଫଳ ମିଳିପାରୁନାହିଁ। ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦାନ୍ତର ରଙ୍ଗ ବଦଳିଯାଉଛି। ଅନେକେ ଆଣ୍ଠୁଗଣ୍ଠି ଯନ୍ତ୍ରଣାର ଶିକାର ହୋଇଛନ୍ତି। ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ରିପୋର୍ଟ ଅନୁସାରେ ଭୂତଳ ଜଳରେ ଲିଟର ପିଛା ସର୍ବାଧିକ ୫.୦୮ ମିଲିଗ୍ରାମ ଫ୍ଲୋରାଇଡ୍ ରହିଥିବା ସର୍ଭେରେ ଆକଳନ କରାଯାଇଛି। କିନ୍ତୁ ବିଡମ୍ବନା ଯେ, ଏହି ଆକଳନର ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ନଳକୂପ କିମ୍ବା ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକରେ ଫ୍ଲୋରାଇଡ୍ ରିମୁଭାଲ(ଅପସାରଣ) ପ୍ଲାଣ୍ଟ ବସି ପାରିନାହିଁ। ସେହିପରି ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ସୁକିନ୍ଦା ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହୀତ ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫ୍‌ସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଥିବା ସର୍ଭେ ରିପୋର୍ଟରୁ ଜଣାପଡିଛି। କିନ୍ତୁ ଆଇରନଯୁକ୍ତ ପାଣି କବଳରୁ ଲୋକଙ୍କ ରକ୍ଷା କରିବାକୁ ଏଯାଏ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ପାରି ନାହିଁ। ତେଣୁ ଜିଲାର ଉଭୟ ଆଇରନ ଓ ଫ୍ଲୋରାଇଡ କବଳିତ ଅଞ୍ଚଳବାସୀଙ୍କ ମଧ୍ୟରେ ବିଭାଗୀୟ ପଦକ୍ଷେପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଯାଜପୁର ଜିଲା ସଦର ମହକୁମାଠାରୁ ଦକ୍ଷିଣକୁ ୨୬ କିମି ଓ ବିଞ୍ଝାରପୁର ବ୍ଲକ ହେଡ୍‌କ୍ୱାର୍ଟର୍ସଠାରୁ ପୂର୍ବକୁ ୮ କିଲୋମିଟରରେ ଦୂରରେ ଓଲେଇ ଚନ୍ଦନପୁର ଗ୍ରାମ ପଞ୍ଚାୟତ ରହିଛି। ଏହି ପଞ୍ଚାୟତ ଅଧୀନ ଚନ୍ଦନପୁର ଗ୍ରାମରେ ଲିଟର ପିଛା ୫.୦୮ ମିଲିଗ୍ରାମ ଫ୍ଲୋରାଇଡ୍, ହରିସିଂହପୁରରେ ୩.୫୦ ମିଲିଗ୍ରାମ, ଓଲେଇରେ ୩.୩୪ ମିଲିଗ୍ରାମ, ଓଲେଇ ଚନ୍ଦନପୁରରେ ୫.୦୧ ମିଲିଗ୍ରାମ ଓ ପଣ୍ଡାସାହିରେ ଲିଟର ପିଛା ୩.୬୧ ମିଲିଗ୍ରାମ ଫ୍ଲୋରାଇଡ ରହିଥିବା ୩୦।୮।୨୦୧୯ ସର୍ଭେ ରିପୋର୍ଟରେ ସୂଚନା ମିଳିଥିଲା। ତେବେ ଏହାର ୧ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ଏପରିକି ରାଜ୍ୟର ଅନ୍ୟସ୍ଥାନରେ ଫ୍ଲୋରାଇଡ୍ ଅପସାରଣ ପ୍ଲାଣ୍ଟ ସ୍ଥାପନ କରାଯାଉଥିଲେ ହେଁ ଯାଜପୁର ଜିଲାକୁ ଅଣଦେଖା କରାଯାଇଛି। ଫ୍ଲୋରାଇଡ ମିଶ୍ରିତ ପାଣି ବ୍ୟବହାର ଦ୍ୱାରା ପଞ୍ଚାୟତର ୯୦ ଭାଗ ଲୋକଙ୍କ ଦାନ୍ତ ଉପରେ ଏକ ନାଲି ଓ କଳା ରଙ୍ଗର ଆସ୍ତରଣ ଦେଖିବାକୁ ମିଳୁଛି। ଏହାସହ ଏହି ପାଣିରେ ରାନ୍ଧିଲେ ଖାଦ୍ୟର ଠିକ ସ୍ୱାଦ ମିଳିପାରୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ବିଡିଓ, ଜିଲାପାଳ, ବିଧାୟକ ପ୍ରମୁଖଙ୍କ ନିକଟରେ ଏହାର ପ୍ରତିକାର ପାଇଁ ନିବେଦନ କରି ନୟାନ୍ତ ହୋଇସାରିଥିବା କହିଛନ୍ତି। ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀ ନଦୀଜଳରୁ ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ଜରିଆରେ ଫ୍ଲୋରାଇଡ୍ କବଳିତ ଅଞ୍ଚଳରେ ଜଳଯୋଗାଣ କରିବାକୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି କହିଛନ୍ତି।

ଅନ୍ୟପକ୍ଷରେ ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ସୁକିନ୍ଦା ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହୀତ ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ (ଏଫ୍‌ସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଥିବା ଜଣା ପଡିଥିଲା। ଏହାପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସଦସ୍ୟ ସଚିବ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ-ଚିଫ୍‌ଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଗତବର୍ଷର ପରୀକ୍ଷା ରିପୋର୍ଟରେ ୭୪୪ ବସତି ଅଞ୍ଚଳରୁ ୭୪୨ ବସତି ଅଞ୍ଚଳର ଭୂତଳ ଜଳ ନମୁନାରେ ଆଇରନ ଅଂଶ ଅଧିକ ରହିଥିବା ସୂଚନା ମିଳିଛି। ତେବେ ଭୂତଳ ଜଳରେ ଆଇରନ ସହ ଅନ୍ୟାନ୍ୟ ବିଷାକ୍ତ ବସ୍ତୁ ରହିଥିବା ପ୍ରମାଣିତ ହୋଇଥିଲେ ହେଁ ପ୍ରଶାସନସ୍ତରରେ ଉପଯୁକ୍ତ ଭାବେ ପ୍ରତିକାର ହେଉ ନ ଥିବାରୁ ସମ୍ପୃକ୍ତ ଜନବସତି ଅଞ୍ଚଳରେ ବିଭିନ୍ନ ଜଳବାହିତ ରୋଗ ବଢୁଥିବା କୁହାଯାଉଛି।

## ଲିଜ୍ ବାଲିଘାଟକୁ ଗ୍ରାମବାସୀଙ୍କ ବିରୋଧ


ବାଲିଘାଟ ବନ୍ଦ କରିବାକୁ ଦାବି କରୁଥିବା ଗ୍ରାମବାସୀ।

**ଧର୍ମଶାଳା, ୨୮।୯ (ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅଧୀନ କେଲୁଅ ନଦୀର କାଏମା ପଞ୍ଚାୟତ ଗୋପନଗର ଘାଟକୁ ପ୍ରଶାସନ ପକ୍ଷରୁ ଲିଜ୍ ଦିଆଯାଇଥିବା ବେଳେ ସ୍ଥାନୀୟ ଲୋକେ ଏହାର ବିରୋଧ କରିଛନ୍ତି। ସୋମବାର ପୂର୍ବାହ୍ନରେ ଟ୍ରାକ୍ଟର ଯୋଗେ ବାଲି ପରିବହନ ହେଉଥିବା ସମୟରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ବାଲି ଉଠାଣ ବନ୍ଦ କରିବା ସହ ଟ୍ରାକ୍ଟରକୁ ଅଟକ ରଖିଥିଲେ। ଏ ନେଇ କିଛି ସମୟ ଧରି ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ବାଲିଘାଟ ନିକଟରେ ସ୍କୁଲ, ମନ୍ଦିର, ଶ୍ମଶାନ ରହିଥିବା ବେଳେ ପ୍ରତ୍ୟେକ ଦିନ ସ୍ଥାନୀୟ ଅଞ୍ଚଳର ଚାଷୀ ସେହି ରାସ୍ତା ଦେଇ କ୍ଷେତକୁ ଯାଇଥାନ୍ତି। ସେହିପରି ଗ୍ରାମର ମହିଳାମାନେ ସ୍ନାନ କରିବାକୁ ଏହି ଘାଟକୁ ଆସିଥାନ୍ତି। ତେଣୁ ଏଠାରେ ବାଲିଘାଟ ଚାଲିଲେ ସ୍ଥାନୀୟ ଅଞ୍ଚଳବାସୀ ଅସୁବିଧା ଭୋଗିବା ସହ ଉକ୍ତ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବ। ଏଣୁ ଲିଜ୍ ଦିଆଯାଇଥିବା ସେହି ବାଲିଘାଟକୁ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ।

## ଯୁବକଙ୍କୁ ଆକ୍ରମଣ ଘଟଣା: ୨ ଗିରଫ

**ଖଣ୍ଡପଡ଼ା,୨୮।୯ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଖଳିସାହି ପଞ୍ଚାୟତ ପୁଆଁଣିଆ ଗ୍ରାମର ଚଗଲା ବେହେରା ଗ୍ରାମ ନିକଟ କେନାଲରେ ମାଛ ମାରୁଥିବା ବେଳେ ନିକଟସ୍ଥ ବୋଦସା ଗୋଲାସାହି ଗ୍ରାମର ବାଙ୍କ ଖୁଣ୍ଟିଆଙ୍କ ସମେତ ୫ଜଣ ପହଞ୍ଚି ତାଙ୍କୁ ବାରଣ କରିଥିଲେ। ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ସମ୍ପୃକ୍ତ ଯୁବକମାନେ ଚଗଲାଙ୍କୁ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆକ୍ରମଣରେ ଚଗଲାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏ ନେଇ ଥାନାରେ ଚଗଲାଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (୨୪୨/୨୦) ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ବାଙ୍କ ଖୁଣ୍ଟିଆ ଓ ଲକି ସ୍ୱାଇଁଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ସୂତ୍ରରୁ ପ୍ରକାଶ।

## ମିଥ୍ୟା ବିଲ୍‌ରେ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ

**ରାଜନଗର, ୨୮।୯ (ଡି.ଏନ୍.ଏ.)**

**ଡେରା ପଞ୍ଚାୟତ**
- ତଦନ୍ତ କରା ନ ଗଲେ ଧାରଣା ଚେତାବନୀ

ରାଜନଗର ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ରାଜନଗର ପଞ୍ଚାୟତରେ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ ନାଁରେ ଦୁର୍ନୀତି ହୋଇଥିବା ଅଭିଯୋଗ ପ୍ରମାଣିତ ହେବା ପରେ ଦିନକୁ ଦିନ ଏ ସମ୍ପର୍କିତ ଅଭିଯୋଗ ବଢ଼ିବାରେ ଲାଗିଛି। ଡେରା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହ ଏସ୍‌ଏଫ୍‌ସି ଓ ସିଏଫ୍‌ସି ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସୋମବାର ଅଞ୍ଚଳବାସୀ ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଉକ୍ତ ପଞ୍ଚାୟତରେ ଭାଟସାହି-ଷଣ୍ଢକଣି, ଧୋବେଇଗଡ଼-ଷଣ୍ଢକଣି, ନୂଆଗାଁ-ଧୋବେଇଗଡ଼ ଓ ଡେରା-ବଧି ରାସ୍ତାର ଉଭୟ ପାର୍ଶ୍ୱରେ ବନୀକରଣ କରାଯାଇନାହିଁ। ହେଲେ କାଗଜପତ୍ରରେ ବନୀକରଣ କରାଯାଇଥିବା ଦର୍ଶାଯାଇ ଏହି ବାବଦକୁ ଲକ୍ଷାଧିକ ଟଙ୍କା ଉଠାଯାଇଛି। ତୁରନ୍ତ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡେରା ପଞ୍ଚାୟତ ସମିତିସଭ୍ୟ ଶୁକଦେବ ପ୍ରଧାନଙ୍କ ସମେ ଅନ୍ୟ ଅଭିଯୋଗକାରୀମାନେ ଦାବି କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ତଦନ୍ତ କରା ନ ଗଲେ ଅକ୍ଟୋବର ୧୩ ତାରିଖରେ ସମିତିସଭ୍ୟ ଓ ଅନ୍ୟମାନେ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

## ଏଆଇୱାଇଏଫ୍, ଏଆଇଏସ୍‌ଏଫ୍ ପକ୍ଷରୁ ବିକ୍ଷୋଭ

**ଜଗତ୍‌ସିଂହପୁର ଅଫିସ, ୨୮।୯**

ଭଗତ୍ ସିଂହ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ ପ୍ରଣୟନ, ବନ୍ଦ ପଡିଥିବା ଡାକ୍ତରଖାନାକୁ ପୁନଃ କାର୍ଯ୍ୟକ୍ଷମ, ଖାଲି ପଡିଥିବା ସମସ୍ତ ସରକାରୀ ପଦବୀ ପୂରଣ ଆଦି ୯ ଦଫା ଦାବି ନେଇ ସୋମବାର ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ୍) ଓ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ଜଗତ୍‌ସିଂହପୁର ଜିଲା ପରିଷଦ ଶାଖା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଜିଲାପାଳଙ୍କ କାଯର୍ୟାଳୟ ପରିସରରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଯୁକ୍ତି ସୃଷ୍ଟିରେ ବିଫଳତା ଓ ଉତ୍କଟ ବେକାରୀ ସମସ୍ୟାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅଖିଳ ଭାରତ ଯୁବ ସଂଘ ଓ ଅଖିଳ ଭାରତ ଛାତ୍ର ସଂଘ ଶହୀଦ ଭଗତ୍ ସିଂହଙ୍କ ଜନ୍ମ ଦିବସକୁ ଯୁବ ରୋଜଗାର ଅଧିକାର ଦିବସ ରୂପେ ପାଳନ କରୁଥିବାରୁ ଏଭଳି ସମାବେଶର ଆୟୋଜନ ହୋଇଥିବା କୁହାଯାଇଛି। କାର୍ଯ୍ୟକ୍ରମରେ ସତ୍ୟ ରଞ୍ଜନ ମହାନ୍ତି, ଦେବାଶିଷ ସ୍ୱାଇଁ, ଅଜୟ ବେହେରା, ମାନସ ମୁଦୁଲି, ଗୌତମ ଦାସ ପ୍ରମୁଖ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିବା କୁହାଯାଇଛି।

## ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

**କଳିଙ୍ଗନଗର, ୨୮।୯ (ଡି.ଏନ୍.ଏ.)**

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସୋମବାର ଦାନଗଦୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଆବାସ ଯୋଜନା, ମିଶନ ଶକ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଡିଏମ୍‌ଏଫ୍ ଓ ଅନ୍ୟାନ୍ୟ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଡିଓଙ୍କୁ ପଚାରି ବୁଝିଥିଲେ। ବ୍ଲକ ଯିବା ପୂର୍ବରୁ ଜିଲାପାଳ ପ୍ରଥମେ ଦାନଗଦୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ରାଜସ୍ୱ ଆଦାୟ, ଜଙ୍ଗଲଜମି ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାରେ ଦାନଗଦୀ ତହସିଲଦାର ନମ୍ରତା ମୋଦି, ଅତିରିକ୍ତ ତହସିଲଦାର ନାରାୟଣ ଦିକ୍ଷୀତ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟରୁ ବାହାରିବା ସମୟରେ ଖୁରୁଣ୍ଟି ଗ୍ରାମବାସୀ ସେଠାରେ ପହଞ୍ଚି ବିଭିନ୍ନ ଦାବି ଜଣାଇବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଜିଲାପାଳ ଦାନଗଦୀ (ତ୍ରିଜଙ୍ଗା କଲୋନୀ)ର ଟାଟା ବିସ୍ଥାପିତ ପରିବାରର ମହିଳାମାନଙ୍କ ଦ୍ୱାରା ତିଆରି ହାତ ତିଆରି ସାମଗ୍ରୀଗୁଡ଼ିକୁ ବୁଲି ଦେଖିବା ସହ ପାର୍କ ନିର୍ମାଣ ପାଇଁ ଚିହ୍ନଟ କରାଯାଇଥିବା ଜମିକୁ ବୁଲି ଦେଖିଥିଲେ।

## ଥାନା ସମ୍ମୁଖରେ ପରିବାର ସଦସ୍ୟଙ୍କ ଅନଶନ

**ନାଉଗାଁ,୨୮।୯(ସ୍ୱ.ପ୍ର.)**

**ଆକ୍ରମଣକାରୀଙ୍କୁ ଗିରଫ ଦାବି**

ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତ ସଂସାଇଲୋ ଗ୍ରାମର ବିଜୟ ସ୍ୱାଇଁଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ ଘଟଣାରେ ନାଉଗାଁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବିଜୟଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ବିଜୟଙ୍କ ସହ ସ୍ତ୍ରୀ ମନୋରମା ଓ ପୁଅ ମନୋଜ ସୋମବାର ଥାନା ସମ୍ମୁଖରେ ଅନଶନରେ ବସିଥିଲେ। ୫ ଅଗଷ୍ଟରେ ବିଜୟଙ୍କ ପୁଅ ମନୋଜ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ପଡୋଶୀଘର ଲୋକେ ଆସି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବାପା ଓ ମା' ଗୁରୁତର ହୋଇଥିଲେ। ଅଭିଯୋଗ ପରେ ଥାନା ପକ୍ଷରୁ ତଦନ୍ତ କରାଯାଇ ମାମଲା ରୁଜୁ କରାଯାଇ ୩୦୭, ୩୪୧, ୩୫୪ (ବି), ୫୦୬, ୪୨୭, ୩୪ ଆଇପିସି ଦଫା ଲଗାଗଲା। ପରବର୍ତ୍ତୀ ସମୟରେ ତଦନ୍ତକାରୀ ଅଧିକାରୀ ୩୦୭ ଦଫା କାଟି ଦେଇଛନ୍ତି। ଘଟଣାର ଠିକ୍ ଭାବେ ତଦନ୍ତ ନ କରି ଅତି ତରବରିଆ ଭାବେ ତଦନ୍ତକାରୀ ଅଧିକାରୀ ଓ ପୂର୍ବତନ ଥାନାଧିକାରୀ ୨୩ ଅଗଷ୍ଟରେ ଚାର୍ଜସିଟ ଦାଖଲ କରିଛନ୍ତି। ଥାନା ଅଧିକାରୀ ଭରତ ବେହେରା କହିବା ମୁତାବକ ଉକ୍ତ ଘଟଣା ସମୟରେ ମୁଁ ନ ଥିଲି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି। ୩ଦିନ ଭିତରେ ଠିକ୍ ଭାବେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବି। ଏହି ପ୍ରତିଶ୍ରୁତି ପାଇ ଅନଶନକାରୀ ଅନଶନ ପ୍ରତ୍ୟାହାର କରିଥିଲେ।


ଅନଶନରେ ବସିଥିବା ପରିବାର ସଦସ୍ୟ।

## ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ


ବେଆଇନ ଘେରି ଉଚ୍ଛେଦ କରାଯାଉଛି।

**ମହାକାଳପଡ଼ା,୨୮।୯(ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତ ହରିଆବାଙ୍କ ଗ୍ରାମର ଜଙ୍ଗଲଜମିରେ ବେଆଇନ ଭାବେ ଗଢିଉଠିଥିବା ଚିଙ୍ଗୁଡ଼ି ଘେରିକୁ ସୋମବାର ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏହି ଗ୍ରାମରେ ଥିବା ୨୨ ଏକର ଜଙ୍ଗଲ ଜମିରେ କିଛି ଅସାଧୁ ମାଛ ବେପାରୀ ୨୬ ଗୋଟି ପୋଖରୀ ଖୋଳି ବେଆଇନ ଭାବେ ମାଛ ଚାଷ କରୁଥିଲେ। ଏହା ଦ୍ୱାରା ଚାଷ ଜମିରେ ଲୁଣିପାଣି ପଶି ଧାନ ଫସଲ ପ୍ରଭାବିତ ହେଉଥିବା ନେଇ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ବନବିଭାଗ ଅଧିକାରୀ, ଜମ୍ବୁ ସାମୁଦ୍ରିକ ଥାନାର ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଉଚ୍ଛେଦ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

# ନୟାଗଡ଼ରେ ବିଗୁଡୁଛି ଆଇନଶୃଙ୍ଖଳା

**ନୟାଗଡ଼ ଅଫିସ,୨୮।୯**

- ୪ ମାସରେ ୭ ହତ୍ୟାକାଣ୍ଡ, ଗଲାଣି ୭ ଜୀବନ
- ସାଧାରଣରେ ସୃଷ୍ଟି ହୋଇଛି ଭୟ

ନୟାଗଡ଼ ପୋଲିସ ଜିଲାରେ ହତ୍ୟାକାଣ୍ଡ ବଢ଼ି ଚାଲିଛି। ୪ମାସର ତଥ୍ୟକୁ ଦେଖିଲେ ୭ ହତ୍ୟାକାଣ୍ଡ ଘଟି ଗଲାଣି ୭ ଜୀବନ। ନୟାଗଡ଼ ଟାଉନ ଥାନାରେ ୩, ସଦର ଥାନାରେ ୨, ଇଟାମାଟି ଥାନାରେ ୧ ଓ ରଣପୁର ଥାନାରେ ୧ ହତ୍ୟାକାଣ୍ଡ ଘଟିସାରିଲାଣି। ଏହାକୁ ନେଇ ସାଧାରଣରେ ଭୟ ସଞ୍ଚାର ହୋଇଛି। ତେବେ ଏଥିମଧ୍ୟରୁ ପରୀ ହତ୍ୟାକାଣ୍ଡ ଚର୍ଚ୍ଚିତ ରହିଛି, ଯାହାକୁ ନେଇ ପୋଲିସ ସମାଲୋଚିତ ହୋଇଚାଲିଛି। ଏଭଳି ସ୍ଥିତିକୁ ଅନୁଧ୍ୟାନ କଲେ ଜିଲାରେ ଆଇନଶୃଙ୍ଖଳା ବିଗୁଡୁଥିବା ସ୍ପଷ୍ଟ ଅନୁମେୟ।

ପ୍ରାପ୍ତ ସୂଚନା ଅନୁସାରେ ଜୁନ ୧୬ରେ ନୟାଗଡ଼ ଟାଉନ ଥାନା ତୁଳସୀପୁର ଗାଁର ପୂର୍ଣ୍ଣଚନ୍ଦ୍ର ଲେଙ୍କାଙ୍କ ମୃତଦେହ ଏକ କଲଭର୍ଟ ତଳୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ପରି ମନେହେଉଥିଲା। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିଲେ ବି ଏହାର ଟେର ପାଇନି। ସେହିଭଳି ଡିଆଁପଡା ଗାଁ ନିକଟ ଜଙ୍ଗଲିଆ ଜମିରେ ଫସଲ ଜଗିଥିବା ପ୍ରହ୍ଲାଦ ଜେନା(୬୫)ଙ୍କୁ ଜୁଲାଇ ୨ରେ ହତ୍ୟା କରାଯାଇଥିଲା। ପୋଲିସ ଏହି ଘଟଣାରେ ନାବାଳକ ପୁଅକୁ ହତ୍ୟାକାରୀ ଭାବେ ଚିହ୍ନଟ କରି କୋର୍ଟରେ ହାଜର କରାଇଥିଲା। ନୟାଗଡ଼ ସଦର ଥାନା ଯଦୁପୁର ଗାଁର ଅଶୋକ ସାହୁଙ୍କ ନାବାଳିକା ଝିଅ ଅମ୍ରିତା ଓରଫ ପରୀ (୬) ଜୁଲାଇ ୧୪ରେ ନିଖୋଜ ହୋଇଥିଲେ। ନିଖୋଜର ଅଷ୍ଟମ ଦିବସ ଜୁଲାଇ ୨୧ରେ ଗଳିତ ମୃତଦେହ ବାରିପଟୁ ଉଦ୍ଧାର ହୋଇଥିଲା। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଘଟଣାର ଟେର ପାଇନି। ପୋଲିସ ଉପରୁ ଆସ୍ଥା ହରାଇ ପରିବାର ଲୋକଙ୍କ ସମେତ ଗାଁ ଲୋକେ ସିବିଆଇ ଅଥବା କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଅଗଷ୍ଟ ୧୨ରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ନୟାଗଡ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ୍, ନୟାଗଡ଼ ତହସିଲଦାର ଭିକାରୀ ସାହୁ ପହଞ୍ଚି ହତ୍ୟାକାରୀଙ୍କୁ ୧୫ ଦିନ ମଧ୍ୟରେ ଧରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରଶାସନ ତା'ର ପ୍ରତିଶ୍ରୁତି ରକ୍ଷା କରିପାରି ନାହିଁ। ଅନ୍ୟପକ୍ଷେ ରାସ୍ତାରୋକୋ କରିଥିବା ଲୋକଙ୍କ ବିରୋଧରେ ପୋଲିସ କଠୋର ଦଫା ଲଗାଇବା ପରେ ଭୟ ବଢ଼ିଛି। ଏ ନେଇ ଆଇଆଇସି ରିନାରାଣୀ ସାହୁ କୁହନ୍ତି, ହତ୍ୟାକାରୀଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ଖୁବ୍‌ଶୀଘ୍ର ଧରାପଡିବେ ବୋଲି ଆଶା ରହିଛି।

ସେହିଭଳି ଅଗଷ୍ଟ ୨୭ରେ ଟାଉନ ଥାନା ଭାଟସାହିରେ ପୂର୍ବ ଶତ୍ରୁତାରୁ ଅର୍ଜୁନ ପ୍ରଧାନ(୬୦) ନାମକ ଜଣେ ଚାଷୀଙ୍କୁ ଜମିରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସମ୍ପୃକ୍ତ ଥିବାବେଳେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଟାଉନ ଥାନା ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡ ନେଇ ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ପୋଲିସ କେତେଜଣ ହତ୍ୟାକାରୀଙ୍କୁ ଗିରଫ କରିଛି, ଆଉ କେତେଜଣଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରଖିଛି। ପୁଣି ସେପ୍ଟେମ୍ବର ୯ରେ ଇଟାମାଟି ଥାନା ବାଉଁଶିଆପଡା ମାଳିସାହି ଗାଁ ଦାଣ୍ଡରେ କ୍ଷେତ୍ରବାସୀ ମହାପାତ୍ର(୫୫)ଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ୧୪ଜଣ ସମ୍ପୃକ୍ତ ଥିବାବେଳେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ସେପ୍ଟେମ୍ବର ୧୯ରେ ନୟାଗଡ ସଦର ଥାନା ବାଲୁଗାଁ ସହର ସାହିରେ ଫତେଗଡ ଥାନା ମିଠୁଆଣି ଗାଁର କାଳିଆ ନାୟକ(୪୫)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆଉ କେତେଜଣ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି। ସେପ୍ଟେମ୍ବର ୨୬ରେ ରଣପୁର ଥାନା ମହତପଲ୍ଲୀ ଗାଁରେ ୧୪ ବର୍ଷର ଛାତ୍ର ସୁମନ ବେହେରାଙ୍କୁ ହତ୍ୟା କରାଯାଇଛି। ଆଇଆଇସି ଜ୍ୟୋତି ରଞ୍ଜନ ପଣ୍ଡା କୁହନ୍ତି, ହତ୍ୟାକାଣ୍ଡର ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ହତ୍ୟାକାରୀ ଧରାହେବେ।

